بسم الله الرحمٰن الرحيم

**ଖୁତବା ଜୁମା ୮ ମଇ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

# *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସମ୍ପନ୍ନ ବଦରୀ ସାହାବି ହଜ଼ରତ୍ ଖବ୍ବାବ୍ ବିନ୍ ଅଲ୍ ଅରତ୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜ଼ୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ୍ଜିଜ୍ କହିଲେ: ଆଜି ବଦରି ସାହାବାଙ୍କ ମଧ୍ୟରୁ ମୁଁ ହଜ଼ରତ ଖବ୍ବାବ୍ ବିନ୍ ଅଲ୍ ଅରତ୍ ର.ଅଙ୍କ ସଂପର୍କରେ ଚର୍ଚ୍ଚା କରିବି । ହଜ଼ରତ ଖବ୍ବାବ୍ ର.ଅଙ୍କ ଗୋତ୍ର ବନୁ ସାଆଦ୍ ଥିଲା । ତାଙ୍କ ପିତାଙ୍କ ନାମ ଅରତ୍ ବିନ୍ ଜୁନ୍ଦଲା ଥିଲା । ଅଶିକ୍ଷିତ ଯୁଗରେ ତାଙ୍କୁ ଦାସ କରି ମକ୍କାରେ ବିକ୍ରୟ କରି ଦିଆଯାଇଥିଲା । ସେ ପ୍ରାରମ୍ଭିକ ପର୍ଯ୍ୟାୟର ଇସଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରୁ ଷଷ୍ଠତମ ବ୍ୟକ୍ତି ଅଟନ୍ତି ଏବଂ ସେହି ପ୍ରାରମ୍ଭିକ ପର୍ଯ୍ୟାୟର ଇସଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି ଯେଉଁମାନେ ନିଜର ଇସଲାମ୍ ଧର୍ମ ପ୍ରଦର୍ଶନ କରିବାକୁ ଯାଇ ଅତ୍ୟନ୍ତ ଦୁଃଖ କଷ୍ଟ ଓ ନିର୍ଯାତନାର ସହ୍ୟ କରିଥିଲେ । ଆଁହଜ଼ରତ ସ.ଅଙ୍କ ଦାରେ ଅରକ୍‌ମକୁ ଆଗମନ ପୂର୍ବରୁ ହିଁ ହଜ଼ରତ୍ ଖବ୍ବାବ୍ ର.ଅ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ ।

ହଜ଼ରତ ଖବ୍ବାବ୍ ର.ଅ ବର୍ଣ୍ଣନା କରନ୍ତି କି ଦିନେ ମୁଁ ଆଁହଜ଼ରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲି ଯେ, ହେ ରସୁଲୁଲ୍ଲାଃ ! ସ.ଅ ଆପଣ ଆମମାନଙ୍କ ପାଇଁ ଅଲ୍ଲାଃତାଲାଙ୍କ ଠାରୁ ସାହଯ୍ୟ ଲୋଡ଼ିବେନି କି ? ହୁଜ଼ୁର୍ ସ.ଅ ଉତ୍ତର ଦେଲେ ତୁମମାନଙ୍କ ପୂର୍ବରୁ ଯେଉଁ ବ୍ୟକ୍ତିମାନେ ଇହଧାମ ତ୍ୟାଗ କରି ଚାଲିଯାଇଛନ୍ତି । ତନ୍ମଧ୍ୟରୁ ଜଣେ ବ୍ୟକ୍ତି ପାଇଁ ଭୂଇଁରେ ଏକ ଗର୍ତ୍ତ ଖୋଳା ଯାଇଛି, ପୁନଶ୍ଚ ସେହି ବ୍ୟକ୍ତିକୁ ସେହି ଗର୍ତ୍ତ ମଧ୍ୟରେ ପୋତି ଦିଆଯାଇଥିଲା । ପୁନଶ୍ଚ କର୍ତ୍ତ ଅଣାଗଲା ଏବଂ ସେହି କର୍ତ୍ତକୁ ସେହି ବ୍ୟକ୍ତି ମୁଣ୍ଡ ଉପରେ ରଖାଯାଉଥିଲା ଏବଂ ସେହି ବ୍ୟକ୍ତିକୁ ଦୁଇ ଖଣ୍ଡରେ ବିଭକ୍ତ କରି ଦିଆଯାଇଥିଲା ଏବଂ ଏହି କଥାଟି ତାହାକୁ ତା ଧର୍ମରୁ ସମାନ୍ୟ ବିଚ୍ୟୁତ କରାଇ ପାରିଲା ନାହିଁ ଏବଂ ଲୌହ ପାନିଆ ଦ୍ୱାରା ତାହାର ମାଂସକୁ ହାଡ଼ରୁ ରାମ୍ପି ପୃଥକ କରି ଦିଆଯାଉଥିଲା ଏବଂ ଏହି କଥା ମଧ୍ୟ ତାହାକୁ ତା' ଧର୍ମରୁ ବିଚ୍ୟୁତ ବା ବିଶ୍ୱାସକୁ ତିଳେ ମାତ୍ର ଆନ୍ଦୋଳିତ କରିପାରି ନଥିଲା । ପୁନଶ୍ଚ ହୁଜ଼ୁର ସ.ଅ କହିଲେ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଅଲ୍ଲାଃତାଲା ସେହି କାର୍ଯ୍ୟକୁ ଅବଶ୍ୟ ପୂର୍ଣ୍ଣ କରିବେ, ଏପର୍ଯ୍ୟନ୍ତକି ଜଣେ ଆରୋହୀ ସନା ଓ ହଜ଼ର ମୌତ୍ (ୟମନ୍‌ର ଦୁଇଟି ସହର)ପର୍ଯ୍ୟନ୍ତ ଯାତ୍ରା କରିବ ଏବଂ ଅଲ୍ଲାଃତାଲାଙ୍କ ବ୍ୟତୀତ ତା' ମନରେ କାହାରି ବି ଭୟ ନଥିବ, କିନ୍ତୁ ତୁମେମାନେ ଅଧୀର ଓ ବ୍ୟଗ୍ର ହେଉଅଛ ।

ହଜ଼ରତ ଖବ୍ବାବ୍ କମାର ବ୍ୟକ୍ତି ଥିଲେ ଏବଂ ଖଡ୍‌ଗ ତିଆରି କରୁଥିଲେ । ଆଁହଜ଼ରତ୍ ସ.ଅ ହଜ଼ରତ୍ ଖବ୍ବାବ୍ ର.ଅଙ୍କୁ ବହୁତ ଭଲ ପାଉଥିଲେ ଏବଂ ତାଙ୍କ ପାଖକୁ ଚାଲି ଯାଉଥିଲେ । ତାଙ୍କର ଅଧିପତିନୀ ବା ମାଲିକିଆଣୀକୁ ଯେତେବେଳେ ସୂଚନା ମିଳିଲା ଯେ, ଆଁହଜ଼ରତ୍ ସ.ଅ ଖବ୍ବାବ୍ ର.ଅଙ୍କ ନିକଟକୁ ଯାଅ ଆସ କରୁଛନ୍ତି, ସେତେବେଳେ ସେ ଉତ୍ତପ୍ତ ଲୌହ ହଜ଼ରତ ଖବ୍ବାବ୍ ର.ଅଙ୍କ ମୁଣ୍ଡ ଉପରେ ରଖିବାକୁ ଲାଗିଲା । ହଜ଼ରତ୍ ଖବ୍ବାବ୍ ର.ଅ ଆଁହଜ଼ରତ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣାର ଅଭିଯୋଗ କଲେ ସେତେବେଳେ ଆଁହଜ଼ରତ ସ.ଅ କହିଲେ କି ହେ ଅଲ୍ଲାଃ ! ଖବ୍ବାବ୍‌ଙ୍କର ସାହାଯ୍ୟ କର । ଅତଃ ପରିଣାମ ଏହା ବାହାରିଲା କି ତାଙ୍କର ଅଧିପତିନୀଙ୍କ ମୁଣ୍ଡରେ କୌଣସି ଅଜଣା ରୋଗ ଜାତ ହେଲା ଯଦ୍ୱାରା ସେ କୁକୁରଙ୍କ ପରି ଶବ୍ଦ ବାହାର କରୁଥିଲା । ସେହି ମହିଳାଙ୍କୁ ଉକ୍ତ ରୋଗରୁ ଉପଶମ ନିମନ୍ତେ (ଅଭିଜ୍ଞମାନେ) ପରାମର୍ଶ ଦେଲେ କି ତୁମେ ନିଜ ମୁଣ୍ଡରେ ଅଗ୍ନିର ଚେଙ୍କ ଲଗାଅ । ବସ୍ତୁତଃ ସେ ହଜ଼ରତ ଖବ୍ବାବ୍ ର.ଅଙ୍କ ଦ୍ୱାରା ଉତ୍ତପ୍ତ ଲୌହର ଚେଙ୍କ ନିଜ ମୁଣ୍ଡରେ ଲଗାଉଥିଲା ।

ଏକଦା ହଜ଼ରତ ଖବ୍ବାବ୍ ର.ଅ ଉମର୍ ର.ଅଙ୍କ ନିକଟକୁ ଆସିଲେ ଏବଂ ସେ ହଜ଼ରତ ଖବ୍ବାବ୍ ର.ଅଙ୍କୁ ନିଜର ବୈଠକ ସ୍ଥାନରେ ବସାଇଲେ ଏବଂ କହିଲେ ଯେ, ଏହି ସଭାରେ ହଜ଼ରତ୍ ଖବ୍ବାବ୍ ର.ଅଙ୍କ ଠାରୁ ବଳି ଅନ୍ୟ କୌଣସି ବ୍ୟକ୍ତି ସମ୍ମାନ ଯୋଗ୍ୟ ନୁହନ୍ତି କିନ୍ତୁ ଜଣେ । ହଜ଼ରତ ଖବ୍ବାବ୍ ର.ଅ କହିଲେ କି ତାହାହେଲେ ସେହି ବ୍ୟକ୍ତିଟି କିଏ ? ତେବେ ଉମର୍ ର.ଅ କହିଲେ ସେହି ବ୍ୟକ୍ତି ହେଉଛନ୍ତି ବିଲାଲ୍ ର.ଅ । ହଜ଼ରତ୍ ଖବ୍ବାବ୍ ର.ଅ କହିଲେ କି ହେ ଅମୀରୁଲ୍ ମୁମିନିନ୍ ସେ ମୋ ଅପେକ୍ଷା ଅଧିକ ଯୋଗ୍ୟ ନୁହନ୍ତି । କାରଣ ହଜ଼ରତ ବିଲାଲ୍ ର.ଅ ଯେତେବେଳେ ଅବିଶ୍ୱାସକାରୀ ବା ମୂର୍ତ୍ତି ଉପାସକଙ୍କ କବଳରେ ଥିଲେ ସେତେବେଳେ ବିଲାଲ୍ ର.ଅଙ୍କୁ ସାହାଯ୍ୟ ପାଇଁ କେହି ନା କେହି ବ୍ୟକ୍ତି ଆଗେଇ ଆସୁଥିଲେ । ଯେଉଁମାନଙ୍କ ଦ୍ୱାରା ଅଲ୍ଲାଃତାଲା ବିଲାଲ୍ ର.ଅଙ୍କୁ ରକ୍ଷା କରୁଥିଲେ । କିନ୍ତୁ ମୋ ପାଇଁ ଏପରି କେହି ବ୍ୟକ୍ତି ନଥିଲା ଯିଏକି ମୋତେ ରକ୍ଷା କରି ଥାଆନ୍ତା। ଦିନେ ମୁଁ ନିଜକୁ ଏହି ଅବସ୍ଥାରେ ପାଇଲି କି ଲୋକମାନେ ଧରି ନେଇଛନ୍ତି ଏବଂ ମୋ ପାଇଁ ଅଗ୍ନି ପ୍ରଜ୍ୱଳିତ କଲେ ଏବଂ ତହିଁ ମଧ୍ୟକୁ ମୋତେ ନିକ୍ଷେପ କଲେ ଏବଂ ଜଣେ ବ୍ୟକ୍ତି ନିଜର ପାଦକୁ ମୋ ଛାତି ଉପରେ ରଖିଦେଲା । ତେବେ ସେହି କୋଇଲାର ଦହନଶୀଳତାକୁ ଶରୀର ଚର୍ମ ଓ ଚର୍ବି ବ୍ୟତୀତ ଅନ୍ୟ କୌଣସି ବସ୍ତୁ ପ୍ରଶମିତ କରିପାରି ନଥାଆନ୍ତା । ସେହି ଦୁଇଟି ହିଁ ତରଳି ଉକ୍ତ ଅଗ୍ନିକୁ ଶୀତଳ କରିଥିଲା ।

ହଜ଼ରତ ମସୁଲେହ୍ ମଉଦ୍ ର.ଅ ହଜ଼ରତ୍ ଖବ୍ବାବ୍ ର.ଅଙ୍କ ସଂପର୍କରେ ଉଲ୍ଲେଖ କରନ୍ତି କି ଏହି କଥାକୁ ମନେ ରଖିବା ଉଚିତ୍ ଯେ, ରସୁଲୁଲ୍ଲାଃ ସ.ଅଙ୍କ ଉପରେ ବିଶ୍ୱାସ ଆଣିବା ପରେ ଯେଉଁ ଲୋକମାନେ ସର୍ବାଧିକ ଦୁଃଖ ଯନ୍ତ୍ରଣା ଓ ନିର୍ଯାତନା ସହ୍ୟ କରିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ କ୍ରୀତଦାସ ଶ୍ରେଣୀୟ ବ୍ୟକ୍ତି ଥିଲେ । ଖବ୍ବାବ୍ ବିନ୍ ଅଲ୍ ଅରତ୍ ର.ଅ ଯିଏକି କମାର କାମ କରୁଥିଲେ ଏବଂ

ସେ ପ୍ରାରମ୍ଭିକ ପର୍ଯ୍ୟାୟରେ ଆଁହଜ଼ରତ ସ.ଅଙ୍କ ଉପରେ ବିଶ୍ୱାସ ଆଣିଥିଲେ । ଅବିଶ୍ୱାସକାରୀମାନେ ସେମାନଙ୍କୁ ନାନା ପ୍ରକାରର ଅତ୍ୟନ୍ତ ଦୁଃଖ ଯନ୍ତ୍ରଣା ଓ ନିର୍ଯାତନା ଦେଉଥିଲେ । ଏପର୍ଯ୍ୟନ୍ତ କି ସେମାନଙ୍କୁ ଭାଟିରୁ କୋଇଲା କାଢି ଆଣି ସେହି ଉତ୍ତପ୍ତ କୋଇଲା ଉପରେ ସେମାନଙ୍କୁ ଶୁଆଇ ଦେଉଥିଲେ ଏବଂ ଉପରୁ ଛାତି ଉପରେ ଏପରି ପଥର ଲଦି ଦେଉଥିଲେ ଯେପରି ସେମାନେ ନିଜର ଅଣ୍ଟାକୁ ହଲାଇ ନ ପାରନ୍ତୁ । ସେମାନଙ୍କ ମଜୁରୀ ବା ପାରିଶ୍ରମିକର ଟଙ୍କା ଯେଉଁମାନଙ୍କ ଆୟତ୍ତାଧୀନ ବା ତତ୍ତ୍ୱାବଧାନରେ ଥିଲା ସେମାନେ ଟଙ୍କା ଦେବାକୁ ମନା କରିଦେଲେ । ସେମାନଙ୍କର ଏହି ଧନ ଜୀବନ କ୍ଷତି ସତ୍ତ୍ୱେ ସେମାନେ ତିଳେ ହେଲେ ବିଚଳିତ ହୋଇ ନଥିଲେ ଏବଂ ସେମାନଙ୍କର ବିଶ୍ୱାସରେ ମଧ୍ୟ ସାମାନ୍ୟ ତ୍ରୁଟି ବିଚ୍ୟୁତି ମଥ୍ୟ ପରିଲକ୍ଷିତ ହୋଇ ନଥିଲା ।

ପୁନଶ୍ଚ ହଜ଼ରତ ମୁସଲେହ୍ ମଉଦ୍ ର.ଅ ଅନ୍ୟ ଏକ ସ୍ଥାନରେ କହନ୍ତି କି ଦିନେ ପ୍ରାରମ୍ଭିକ ପର୍ଯ୍ୟାୟର ନବାଗତ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା ଜଣେ କ୍ରୀତଦାସ, ଖବ୍ବାବ୍ ର.ଅଙ୍କ ପିଠିକୁ ଯେତେବେଳେ ତାଙ୍କର ସାଥିମାନେ ଫୁଙ୍ଗୁଳା ହୋଇଥିବାର ଦେଖିଲେ ସେତେବେଳେ ସେମାନେ ଦେଖିଲେ ଯେ, ତାଙ୍କ ପିଠିର ଚର୍ମ ଅନ୍ୟ ମନୁଷ୍ୟମାନଙ୍କ ପରି ନଥିଲା ବରଂ ଜୀବଜନ୍ତୁଙ୍କ ପରି ପ୍ରତିତ ହେଉଥିଲା । ସେମାନେ ଘାବରେଇ ଗଲେ ଏବଂ ତାଙ୍କୁ ପ୍ରଶ୍ନ କଲେ କି ଆପଣଙ୍କୁ ଏ କି ରୋଗ ହୋଇଛି? ଖବ୍ବାବ୍ ର.ଅ ମୁରୁଖାଇ କହିଲେ କି ତାହା ରୋଗ ନୁହେଁ ବରଂ ତାହା ହେଉଛି ସେହି ସମୟର ସ୍ମୃତି ଚିହ୍ନ ବା ଅଲିଭା ଦାଗ, ଯେତେବେଳେ ଆମେମାନେ ନବାଗତ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା କ୍ରୀତଦାସମାନଙ୍କୁ ଆରବର ଲୋକମାନେ ମକ୍କାର ଗଳିଗୁଡ଼ିକରେ ଅତ୍ୟନ୍ତ ନିର୍ଦୟ ତଥା ଆମାନୁସିକ ଭାବରେ ଏବଂ କର୍କଶ ପ୍ରସ୍ତର ଉପରେ ଘୋସାରୁ ଥିଲେ ଏବଂ ସେମାନେ ଆମମାନଙ୍କ ଉପରେ ଅହରହ ଭାବରେ ଅତ୍ୟାଚାର କରୁଥିଲେ । ତାହାରି ଫଳସ୍ୱରୂପ ମୋ ପିଠିର ଚର୍ମ ଏପରି ରୂପରେ ପରିବର୍ତ୍ତିତ ହୋଇଯାଇଛି ।

ହୁଜ଼ୁର୍ ଅନୱର୍ ଅ.ବ କହିଲେ : ଅବୁ ଖାଲିଦ୍ ବର୍ଣ୍ଣନା କରନ୍ତି କି ଦିନେ ଆମେମାନେ ମସଜିଦରେ ବସିଥିଲୁ । ସେତେବେଳେ ହଜ଼ରତ ଖବ୍ବାବ୍ ଆସିଲେ ଓ ନୀରବ ହୋଇ ବସି ପଡ଼ିଲେ । ଲୋକମାନେ ତାଙ୍କୁ କହିଲେ କି ଆପଣଙ୍କ ସାଙ୍ଗ ଆପଣଙ୍କ ପାଖରେ ଏଇଥିପାଇଁ ଏକତ୍ରିତ ହୋଇଛନ୍ତି ଯେ, ଆପଣ ସେମାନଙ୍କୁ କିଛି କିଛି ଉପଦେଶ ବା ଆଦେଶ ଦିଅନ୍ତୁ । ହଜ଼ରତ ଖବ୍ବାବ୍ ର.ଅ କହିଲେ ମୁଁ ତାଙ୍କୁ କେଉଁ କଥାର ଆଦେଶ ଦେବି । ଏପରି ନହେଉ କି ମୁଁ ତାଙ୍କୁ ଏଭଳି ଆଦେଶ ଦିଏ ଯେଉଁ ନୀତିଶିକ୍ଷାର ମୁଁ ସ୍ୱୟଂ ପାଳନ କରୁ ନଥିବି। ସୁତରାଂ ସେହି ସାହାବାମାନଙ୍କ ମନରେ ଅଲ୍ଲାଃତାଲାଙ୍କ ପ୍ରତି ଭୟ ଏବଂ ଧର୍ମପରାୟଣତାର ଏହିଭଳି ମାନଦଣ୍ଡ ରହିଥିଲା ଯେ, ସେମାନେ ଯେପର୍ଯ୍ୟନ୍ତ ଆଁହଜ଼ରତ୍ ସ.ଅଙ୍କର କୌଣସି ଆଦେଶ ଉପରେ ପ୍ରଥମେ ନିଜେ ପାଳନ କରୁ ନଥିଲେ ସେପର୍ଯ୍ୟନ୍ତ ଆନ୍ୟମାନଙ୍କୁ ତାହାର ଅନୁକରଣ କରିବାକୁ ଉପଦେଶ ଦେଉ ନଥିଲେ ।

ତାରିକଙ୍କ ଠାରୁ ବର୍ଣ୍ଣନା କରାଯାଏ ଯେ, ରସୁଲୁଲ୍ଲାଃ ସ.ଅଙ୍କର ଏକ ପ୍ରତିନିଧି ମଣ୍ଡଳ ହଜ଼ରତ ଖବ୍ବାବ୍ ର.ଅଙ୍କ ନିକଟକୁ ରୋଗୀ ପରିଦର୍ଶନ ନିମନ୍ତେ ଗଲା । ସେହି ଲୋକମାନେ କହିଲେ ଯେ, ହେ ଅବୁ ଅବଦୁଲ୍ଲାଃ ? ତୁମେ ପ୍ରସନ୍ନ ହୋଇଯାଅ କାରଣ ତୁମେ ନିଜ ଭାଇମାନଙ୍କ ପାଖରେ ହୌଜ଼େ କୌସର୍ (ସ୍ୱର୍ଗର ଜଳକୁଣ୍ଡ) ପାଖକୁ ଯାଉଅଛ । ହଜ଼ରତ ଖବ୍ବାବ୍ କହିଲେ କି ତୁମେମାନେ ମୋ ସମ୍ମୁଖରେ ସେହି ଭାଇମାନଙ୍କର ଚର୍ଚ୍ଚା କରିଛ ଯେଉଁମାନେ ଆରପାରିକୁ ଚାଲି ଯାଇଛନ୍ତି ଗମନ କରିସାରିଛନ୍ତି ଏବଂ ସେମାନେ ନିଜର ଉପକାର ବା ପୁଣ୍ୟ ମଧ୍ୟରୁ କିଛି ପ୍ରାପ୍ତ କଲେ ନାହିଁ ଏବଂ ଆମେମାନେ ସେମାନଙ୍କ ପରେ ଏପର୍ଯ୍ୟନ୍ତ ରହିଯାଇଥିଲୁ କି ଆମମାନଙ୍କୁ ସଂସାରରୁ ସେସବୁ ସୁଖ ପ୍ରାପ୍ତ ହୋଇଗଲା ଯାହା ସଂପର୍କରେ ଆମେମାନେ ଭୟ କରୁଥିଲୁ ଯେ, ବୋଧ ହୁଏ ଏହା ଆମମାନଙ୍କର ବିଗତ କର୍ମର ଫଳ ଅଟେ ଏବଂ ଆମମାନଙ୍କୁ ପୁଣ୍ୟ ଆକାରରେ ତାହା ଇହକାଳରେ ହିଁ ପ୍ରାପ୍ତ ହୋଇଛି । ହଜ଼ରତ ଖବ୍ବାବ୍ ର.ଅ ଭୀଷଣ ରୋଗରେ ଦୀର୍ଘ ଦିନ ବା ସମୟ ଧରି ରୋଗାଗ୍ରସ୍ତ ରହିଥିଲେ ।

ହଜ଼ରତ ଖବ୍ବାବ୍ ର.ଅ ବର୍ଣ୍ଣନା କରନ୍ତି କି ଆମେମାନେ ନବୀ କରୀମ୍ ସ.ଅଙ୍କ ସହିତ ପ୍ରବାସ କରିଥିଲୁ । ଆମେମାନେ ଅଲ୍ଲାଃତାଲାଙ୍କର ଅନୁଗ୍ରହ ଲାଭ କରିବାକୁ ଚାହୁଁଥିଲୁ ଏବଂ ଆମର ପୁଣ୍ୟ ଅଲ୍ଲାଃତାଲାଙ୍କ ଅଧୀନରେ ରହିଥିଲା । ଆମମାନଙ୍କ ମଧ୍ୟରୁ ଏପରି ଅନେକ ବ୍ୟକ୍ତି ରହିଥିଲେ ଯେଉଁମାନେ ନିଜ ପୁଣ୍ୟରୁ ବା ପୁଣ୍ୟରା ସ୍ୱାଦରୁ ଟିକେ ହେଲେ ଭକ୍ଷଣ ନଥିଲେ । ସେମାନଙ୍କ ମଧ୍ୟରୁ ହଜ଼ରତ ମସଅବ୍ ବିନ୍ ଉମୈର୍ ଅନ୍ୟତମ ଅଟନ୍ତି । ଆମମାନଙ୍କ ମଧ୍ୟରୁ ଏପରି ବ୍ୟକ୍ତି ମଧ୍ୟ ରହିଛନ୍ତି ଯେଉଁମାନଙ୍କର ଫଳ ପାକଳ ହୋଇଗଲା ଏବଂ ସେମାନେ ସେହି ଫଳକୁ ଗୋଟେଇ ନେଲେ । ହଜ଼ରତ ମସଅବ୍ ର.ଅ ୱହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ଏବଂ ଆମମାନଙ୍କୁ କେବଳ ଗୋଟିଏ ଚାଦର ହିଁ ପ୍ରାପ୍ତ ହୋଇଥିଲା । ଯେଁଉ ଚାଦର ସାହାଯ୍ୟରେ ଆମେମାନେ ସେହି ଶହୀଦ୍ ହୋଇଥିବା ସାହାବାମାନଙ୍କୁ କଫନ ଦେଉଥିଲୁ । ଯେତେବେଳେ ଆମେମାନେ ସେହି କଫନ୍ ଦ୍ୱାରା ସେମାନଙ୍କର ମୁଣ୍ଡ ଘୋଡ଼ାଇବା ପାଇଁ ଚେଷ୍ଟା କରୁଥିଲୁ ସେତେବେଳେ ସେମାନଙ୍କର ପାଦ ଫୁଙ୍ଗୁଳା ହୋଇଯାଉଥିଲା ଏବଂ ଯେତେବେଳେ ପାଦ ଘୋଡ଼ାଇବା ପାଇଁ ଚେଷ୍ଟା କରୁଥିଲୁ ସେତେବେଳେ ମୁଣ୍ଡ ଫୁଙ୍ଗୁଳା ହୋଇଯାଉଥିଲା । ତେବେ ନବୀ କରୀମ୍ ସ.ଅ ଏପରି ଦୃଶ୍ୟ ଦେଖି ଆମକୁ ଏହି ଆଦେଶ ଦେଲେ କି ତୁମେମାନେ ସେମାନଙ୍କର ମୁଣ୍ଡକୁ ଘୋଡ଼ାଇ ଦିଅ ଏବଂ ସେମାନଙ୍କର ପାଦରେ ଅଜ଼ଖର୍ ଘାସ ଦ୍ୱାରା ଆବୃତ୍ତ କରିଦିଅ ।

ଜ଼ୈଦ୍ ବିନ୍ ୱହବ୍ ବର୍ଣ୍ଣନା କଲେ କି ଆମେମାନେ ଯେତେବେଳେ ହଜ଼ରତ ଅଲୀ ର.ଅଙ୍କ ସହିତ ଆସୁଥିଲୁ ସେତେବେଳେ ହଜ଼ରତ୍ ଖବ୍ବାବ୍ ର.ଅ ସଫିନ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଏପର୍ଯ୍ୟନ୍ତ କି ଯେତେବେଳେ ସେ କୁଫାର ଦ୍ୱାରରେ ପହଞ୍ଚିଲେ ସେତେବେଳେ ସେ କ'ଣ ଦେଖନ୍ତି କି ଯେ, ଆମର ଦକ୍ଷିଣ ପାର୍ଶ୍ୱରେ ୭ଟି କବର ରହିଛି । ହଜ଼ରତ ଅଲୀ ର.ଅ ପ୍ରଶ୍ନ କଲେ କି ଏହା କେଉଁ ପ୍ରକାର କବର

ଅଟେ । ଲୋକମାନେ ଉତ୍ତର ଦେଲ ଯେ, ହେ ଅମୀରୁଲ୍ ମୁମେନିନ୍ ! ସଫିନ୍ ଯୁଦ୍ଧ ପାଇଁ ବାହାରିବା ପରେ ହଜ଼ରତ ଖବ୍ବାବ୍ ର.ଅଙ୍କର ବିୟୋଗ ହୋଇଥିଲା । ସେ ୱସିୟତ୍ କରିଥିଲେ ଯେ, ମୋତେ କୁଫାର ବାହାରେ ନେଇ କବର ଦେବ । ସେଠାକାର ଲୋକମାନଙ୍କର ଏହି ପ୍ରଥା ରହିଥିଲା ଯେ, ନିଜର ମୃତକଙ୍କୁ ନିଜ ଘର ଅଗଣାରେ ଏବଂ ନିଜ ଗୃହର କବାଟ ବା ଦ୍ୱାରକୁ ସଂଲଗ୍ନ କରି ସେମାନଙ୍କୁ କବର ଦିଆଯାଉଥିଲା । କିନ୍ତୁ ଯେତେବେଳେ ସେ ଖବ୍ବାବ୍ ର.ଅଙ୍କୁ ଦେଖିଲେ ଯେ, ସେ ବାହାରେ କବର ଦେବାକୁ ୱସିୟତ୍ କରିଛନ୍ତି ସେତେବେଳେ ଲୋକମାନେ ମଧ୍ୟ ତାଙ୍କୁ କବର ଦେବାକୁ ଲାଗିଲେ । ହଜ଼ରତ ଅଲୀ ର.ଅ କହିଲେ କି ଅଲ୍ଲାଃତାଲା ଖବ୍ବାବ୍ ର.ଅଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ସେ ସ୍ୱଇଚ୍ଛାରେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ସେ ଆଁହଜ଼ରତ ସ.ଅଙ୍କ ଆଜ୍ଞାନୁଯାୟୀ ପ୍ରବାସ କରିଥିଲେ ଏବଂ ଜଣେ ଯୋଦ୍ଧା ହିସାବରେ ସେ ନିଜର  ଜୀବନକୁ ଅତିବାହିତ କରିଥିଲେ ଏବଂ ଶାରୀରିକ ଯନ୍ତ୍ରଣା ମାଧ୍ୟମରେ ସେ ପରୀକ୍ଷିତ ହୋଇଥିଲେ ଏବଂ ଯେଉଁ ବ୍ୟକ୍ତି ସତ୍କାର୍ଯ୍ୟ କରିବ ଅଲ୍ଲାଃତାଲା ତାହାର ପୁଣ୍ୟକୁ କେବେହେଲେ ଅବକ୍ଷୟ କରିବେ ନାହିଁ । ହଜ଼ରତ ଅଲୀ ର.ଅ ତାଙ୍କ କବର ନିକଟକୁ ଗଲେ ଏବଂ କହିଲେ,  ହେ ମୁସଲମାନ ଓ ବିଶ୍ୱାସକାରୀ କବରବାସୀ ତୁମ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ତୁମେ ଆଗକୁ ଯାଇ ଆମମାନଙ୍କ ନିମନ୍ତେ ଆସବାବ ପ୍ରସ୍ତୁତ କରିବ ଏବଂ ଆମେମାନେ ଖୁବ୍ ନିକଟରେ ତୁମ ପଛେ ପଛେ ତୁମକୁ ସାକ୍ଷାତ୍ କରିବୁ । ହେ ଅଲ୍ଲାଃ ! ଆମ୍ଭମାନଙ୍କୁ ଓ ସେମାନଙ୍କୁ, ତୁମ୍ଭେ କ୍ଷମା କରିଦିଅ ଏବଂ ଆମ୍ଭମାନଙ୍କ ଓ ସେମାନଙ୍କ ପ୍ରତି କ୍ଷମାଶୀଳ ହୁଅ । ସେହ ବ୍ୟକ୍ତି ପାଇଁ ଶୁଭ ସମ୍ବାଦ ହେଉ ଯିଏ ପରକାଳକୁ ସ୍ମରଣ କରେ ଏବଂ ହିସାବ ପାଇଁ ଏହି କଥା ଉପରେ ବ୍ୟବହାରିକ ହୁଏ ଏବଂ ତାହା ସେହି ବ୍ୟକ୍ତିର ଆବଶ୍ୟକତାକୁ ପୂର୍ଣ୍ଣକାରୀ ବସ୍ତୁ ରୂପେ ସାବ୍ୟସ୍ତ ହେଉ ଏବଂ ତାହା ଉପରେ ସେ ମିତବ୍ୟୟୀତା କରୁ ଏବଂ ଐଶ୍ୱର୍ଯ୍ୟମୟୀ ଅଲ୍ଲାଃଙ୍କୁ ରାଜ଼ି ବା ପ୍ରସନ୍ନ କରିପାରୁ । ହଜ଼ରତ ଅଲୀ ସେଠାରେ ଅର୍ଥାତ୍ ହଜ଼ରତ ଖବ୍ବାବ୍ ର.ଙ୍କ କବର ସମ୍ମୁଖରେ ଏହିପରି ଦୁଆ କରିଥିଲେ । ହଜ଼ରତ ଖବ୍ବାବ୍ ର.ଅଙ୍କ ବିୟୋଗ ୩୭ ହିଜରୀରେ ୭୩ ବର୍ଷ ବୟସରେ ହୋଇଥିଲା ।

.....................................

KHULASA KHUTBA JUMA HUZOOR ANWAR a.b.a
8Th MAY 2020

.........................